# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 23 August – 2026

**********************************

## ମୁଖ୍ୟ ସମ୍ବାଦ

ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ମାନବ ସମ୍ବଳକୁ ସୁଦୃଢ କରିବା ପାଇଁ ସ୍ୱାସ୍ଥ୍ୟକର୍ମୀଙ୍କ ଦାୟିତ୍ୱ ଓ ଅଧିକାରକୁ ଦେଉଛନ୍ତି ଗୁରୁତ୍ୱ; କହିଲେ, ସ୍ୱାସ୍ଥ୍ୟମନ୍ତ୍ରୀ

- ପୌରସଂସ୍ଥାଗୁଡ଼ିକର ସାମଗ୍ରିକ ସମୀକ୍ଷା ଓ ଅନୁସ୍ଥାପନ କାର୍ଯ୍ୟକ୍ରମ 'ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୬' ଉଦ୍‌ଘାଟିତ
- ଓଡ଼ିଶା ଉପକୂଳରେ ପଣ୍ୟବାହୀ ଜାହାଜ ବୁଡି ଘଟଣାରେ ଦୁଇଜଣ ଉଦ୍ଧାର; ଅନ୍ୟ ୨୨ କୁ ସଦସ୍ୟଙ୍କ ସନ୍ଧାନ ଜାରି

ଏବଂ

- ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ସମ୍ଭାବନା

— କଟକ, ଢେଙ୍କାନାଳ, ଅନୁଗୁଳ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାକୁ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

## ମୁକେଶ ମହାଲିଙ୍ଗ

ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ମାନବ ସମ୍ବଳକୁ ସୁଦୃଢ କରିବା ସହ ପ୍ରତ୍ୟେକ ବର୍ଗର ସ୍ୱାସ୍ଥ୍ୟକର୍ମୀଙ୍କ ଦାୟିତ୍ୱ ଓ ଅଧିକାରକୁ ଗୁରୁତ୍ୱ ଦେଉଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଫାର୍ମାସୀ ଅଧିକାରୀ ସେବା ସଂଘର ଏକଦିବସୀୟ ବାର୍ଷିକ ସମ୍ମିଳନୀରେ ଯୋଗଦେଇ ଡକ୍ଟର ମହାଲିଙ୍ଗ କହିଛନ୍ତି, ରାଜ୍ୟର ସ୍ୱାସ୍ଥ୍ୟସେବାକୁ ସୁଦୃଢ କରିବାରେ ଫାର୍ମାସିଷ୍ଟ ମାନଙ୍କ ଅବଦାନ ଅତୁଳନୀୟ। ରାଜ୍ୟରେ ପ୍ରାୟ ୩୦୦ ଜଣ ଫାର୍ମାସିଷ୍ଟଙ୍କୁ ନିଯୁକ୍ତି ଦିଆଯାଇଛି। ଫାର୍ମାସୀ ସେବାକୁ ମଜଭୁତ କରିବା ଦ୍ୱାରା ରାଜ୍ୟର ସମଗ୍ର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଆହୁରି ଉନ୍ନତ ମାନର ହୋଇପାରିବ। ରାଜ୍ୟରେ ଦୀର୍ଘ ୩୯ ବର୍ଷ ପରେ ଫାର୍ମାସିଷ୍ଟ କ୍ୟାଡରର ପୁନର୍ଗଠନ କରାଯାଇଛି। କ୍ୟାଡର ପୁନର୍ଗଠନ ଓ ଜବ୍‌ଚାର୍ଟ ପ୍ରସ୍ତୁତି ଦ୍ୱାରା ଫାର୍ମାସିଷ୍ଟ ମାନଙ୍କ କାର୍ଯ୍ୟ ଓ ଦାୟିତ୍ୱରେ ସ୍ୱଷ୍ଟତା ଆସିବା ସହ ସେମାନଙ୍କ ପେଷାଗତ ଉନ୍ନତି ଓ କ୍ୟାରିୟର ପ୍ରଗତିରେ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ମନ୍ତ୍ରୀ କହିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ ସୁଦୃଢ କରିବା ସହିତ ଫାର୍ମାସିଷ୍ଟମାନଙ୍କ ଦୀର୍ଘଦିନର ଦାବି ପୂରଣ ଦିଗରେ ସରକାର ପର୍ଯ୍ୟାୟ କ୍ରମେ ପଦକ୍ଷେପ ନେଉଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି।

ଏଥିସହ ୧ ହଜାର ୧୦୮ ଜଣ ଫାର୍ମାସିଷ୍ଟଙ୍କୁ ନିଯୁକ୍ତି ଦେବାପାଇଁ ସରକାରଙ୍କ ପକ୍ଷରୁ ବ୍ୟବସ୍ଥା କରାଯାଉଛି। ଫାର୍ମାସିଷ୍ଟ କାଉନ୍‌ସିଲ ଅଫ୍ ଇଣ୍ଡିଆ ରିକ୍ରୁଟମେଣ୍ଟ ଆଣ୍ଡ ପ୍ରମୋସନ ସର୍ଭିସ୍ ୨୦୨୫କୁ ଓଡ଼ିଶାରେ ଲାଗୁ କରିବା ପାଇଁ ରହିଥିବା ଦାବି ଉପରେ ସରକାର ବିଚାର କରୁଛନ୍ତି ବୋଲି ମନ୍ତ୍ରୀ

କହିଛନ୍ତି। ସରକାର, ସ୍ୱାସ୍ଥ୍ୟକର୍ମୀ ଏବଂ ସାଧାରଣ ଲୋକଙ୍କ ସାମୂହିକ ପ୍ରୟାସ ମାଧ୍ୟମରେ ଏକ ସୁସ୍ଥ, ସଶକ୍ତ ଓ ସମୃଦ୍ଧ ଓଡ଼ିଶା ସହ ସୁସ୍ଥ ଭାରତ ଗଠନର ଲକ୍ଷ୍ୟ ସାକାର କରାଯାଇ ପାରିବ ବୋଲି ଡକ୍ଟର ମହାଲିଙ୍ଗ ମତ ବ୍ୟକ୍ତ କରିଥିଲେ।

## ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୬

ପୌରସଂସ୍ଥାଗୁଡ଼ିକ ପାଇଁ ସାମଗ୍ରିକ ସମୀକ୍ଷା ଓ ଅନୁସ୍ଥାପନ କାର୍ଯ୍ୟକ୍ରମ 'ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ୨୦୨୬' ଆଜି ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ବରିଷ୍ଠ ପ୍ରଶାସକ, ଯୋଜନାକାରୀ, ପୌରପ୍ରତିନିଧି ଓ ଯନ୍ତ୍ରୀମାନେ ବିଭିନ୍ନ ଯୋଜନାର ସମୀକ୍ଷା କରି ସମସ୍ୟା ସଂପର୍କରେ ଆଲୋଚନା କରିଛନ୍ତି।

## ସର୍ବାନନ୍ଦ ସୋନଓ୍ୱାଲ

ଓଡିଶା ଉପକୂଳ ନିକଟରେ ପାନାମା ଧ୍ୱଜାଧାରୀ ପଣ୍ୟବାହୀ ଜାହାଜ **ଏମ୍.ଭି. ଓସେନ୍ ଓ୍ୱିନର** ବିଶାଖାପାଟଣାଠାରୁ ପ୍ରାୟ ୭୦୦ କିଲୋମିଟର ଦୂରରେ ବୁଡିଯାଇଛି। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ ଘଟଣାକୁ ଦୁର୍ଭାଗ୍ୟଜନକ କହିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସୋନଓ୍ୱାଲ କହିଛନ୍ତି, ଜାହାଜଟି ପାରାଦ୍ୱୀପ ବନ୍ଦରରୁ ଚୀନ୍ ଅଭିମୁଖେ ଲୁହାପଥର ନେଇ ଯାଉଥିଲା। ଅଘଟଣ ପରେ ସମସ୍ତ ସମ୍ପୃକ୍ତ ସଂସ୍ଥା ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ସନ୍ଧାନ ଓ ଉଦ୍ଧାର

କାର୍ଯ୍ୟ ଚଳାଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ସୂଚନା ଅନୁସାରେ, ୨ ଜଣଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି। ଅନ୍ୟ ଚାଳକ ଦଳ ସଦସ୍ୟଙ୍କ ସନ୍ଧାନ ଓ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି। ସୂଚନାଯୋଗ୍ୟ, ଜାହାଜରେ ୨୪ ଜଣ କ୍ରୁ ମେମ୍ବର ଥିବା ଜଣାପଡିଛି।

## ବ୍ରିକ୍ସ

ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରେ ଚାଲିଥିବା ବ୍ରିକ୍ସ କ୍ରୀଡାମନ୍ତ୍ରୀଙ୍କ ବୈଠକ 'ବ୍ରିକ୍ସ କ୍ରୀଡା ମିଳିତ ଘୋଷଣାନାମା' ସହ ଶେଷ ହୋଇଛି। ଏହି ସଂକଳ୍ପପତ୍ର' ଆଲୋଚନା, ପାରସ୍ପରିକ ସମ୍ମାନ ଏବଂ ସମାବେଶିତା ମାଧ୍ୟମରେ କ୍ରୀଡା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି। ଭାରତର ୨୦୨୬ ବ୍ରିକ୍ସ ଅଧ୍ୟକ୍ଷତା ଅଧୀନରେ ଆୟୋଜିତ ଏହି ବୈଠକରେ ସଦସ୍ୟ ଦେଶଗୁଡ଼ିକର କ୍ରୀଡାମନ୍ତ୍ରୀ ଏବଂ ବରିଷ୍ଠ ପ୍ରତିନିଧିମାନେ ଏକତ୍ରିତ ହୋଇ କ୍ରୀଡା ବିକାଶ, ଯୁବ ସହଭାଗିତା ଏବଂ ଅନ୍ତର୍ଜାତୀୟ ସହଯୋଗକୁ ପ୍ରୋତ୍ସାହିତ କରିବା ଉପରେ ଆଲୋଚନା କରିଥିଲେ।

## ପାଣିପାଗ

ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଅଂଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ  କଟକ, ଢେଙ୍କାନାଳ, ଅନୁଗୁଳ, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତାକାଲି

ପାଇଁ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଏବଂ ବରଗଡ଼ ଜିଲ୍ଲାକୁ ଅତିପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ଆସନ୍ତା ୭ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ପରାମର୍ଶ ଦିଆଯାଇଛି। ଲଘୁଚାପ ବର୍ଷା ସମ୍ପର୍କରେ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି....

**- V/O -**

ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଆସନ୍ତାକାଲି **ନବରଙ୍ଗପୁର** ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ଛୁଟି ଘୋଷଣା କରାଯାଇଛି।

ସନ୍ଧ୍ୟା ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରରର ଜଳସ୍ତର ୬୨୨ ଦଶମିକ ୭/୯ ଫୁଟ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୩୬ ହଜାର ୧୫୦ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୫ଟି ଗେଟ୍ ଦେଇ ୧ ଲକ୍ଷ ୧୪ ହଜାର ୫୫ ଘନଫୁଟ ଜଳ ନିଷ୍କାସିତ ହେଉଛି।

## ବନ୍ୟା ସମୀକ୍ଷା

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଜି **ଭଦ୍ରକ**ଠାରେ ଆୟୋଜିତ ଉଚ୍ଚସ୍ତରୀୟ ବନ୍ୟା ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଜିଲ୍ଲାରେ ଜାରି ରହିଥିବା ବନ୍ୟା ପରିସ୍ଥିତି ସହିତ ସ୍ୱାସ୍ଥ୍ୟବିଭାଗର ପ୍ରସ୍ତୁତି ଓ ରିଲିଫ୍ ବ୍ୟବସ୍ଥା ସମ୍ପର୍କରେ ବୈଠକରେ ବ୍ୟାପକ ସମୀକ୍ଷା କରାଯାଇଥିଲା। ଆଜି

ସୁଦ୍ଧା ଭଦ୍ରକ ଜିଲ୍ଲାର ୫ଟି ବ୍ଲକ୍‌ର ୨୪୪ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି। ଜିଲ୍ଲା ଓ ବ୍ଲକ୍‌ସ୍ତରରେ ପର୍ଯ୍ୟାପ୍ତ ପରିମାଣର ସାପ କାମୁଡା ନିରୋଧକ ଇଞ୍ଜେକ୍‌ସନ୍, ବ୍ଲିଚିଂ ପାଉଡର, ହାଲୋଜେନ୍ ଟାବ୍‌ଲେଟ୍ ଓ ଓଆରଏସ୍ ମହଜୁଦ୍ ରଖି ଆବଶ୍ୟକସ୍ଥଳେ ଯୋଗାଇବାକୁ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି।

## ସ୍ୱାସ୍ଥ୍ୟ ଶିବିର

**ଭଦ୍ରକ** ଜିଲ୍ଲା ଧାମନଗର ବ୍ଲକ୍ ଧୁସୁରୀ ସରକାରୀ ଉଚ୍ଚବିଦ୍ୟାଳୟଠାରେ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟସମିତି ପକ୍ଷରୁ ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପଂଚାୟତିରାଜ, ଗ୍ରାମ୍ୟ ଉନ୍ନୟନ, ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଉଚ୍ଚଶିକ୍ଷା ଓ କ୍ରୀଡା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ବରିଷ୍ଠ ଅଧିକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବନ୍ୟା ଘେରରେ ଥିବା ସମସ୍ତ ଲୋକଙ୍କ ନିକଟରେ ନିଶୁଳ୍କ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ନେଇ ରାଜ୍ୟ ସରକାର ଯତ୍ନବାନ୍ ରହିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଚନ୍ତି।

# ଜାତୀୟ ମହାକାଶ ଦିବସ

ଚନ୍ଦ୍ରଯାନ-୩ର ସଫଳତାକୁ ସ୍ମରଣ କରି ଆଜି ଜାତୀୟ ମହାକାଶ ଦିବସ ପାଳନ କରାଯାଉଛି। ୨୦୨୩ ମସିହା ଆଜିର ଦିନରେ ଚନ୍ଦ୍ରଯାନ ମିଶନ ଅଧୀନରେ ଚନ୍ଦ୍ରପୃଷ୍ଠରେ ବିକ୍ରମ ଲ୍ୟାଣ୍ଡର ସୁରକ୍ଷିତ ଏବଂ ସହଜ ଅବତରଣ

କରିଥିଲା । ମହାକାଶ ଅନୁସନ୍ଧାନ ବର୍ତ୍ତମାନ ସମୟରେ ଯୋଗାଯୋଗ, ପାଣିପାଗ ପୂର୍ବାନୁମାନ, କୃଷି, ବିପର୍ଯ୍ୟୟ ପରିଚାଳନା ଓ ପ୍ରାକୃତିକ ସମ୍ପଦର ନିରୀକ୍ଷଣ ଭଳି ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଉଛି । ଭାରତୀୟ ମହାକାଶ ଗବେଷଣା ସଂସ୍ଥା-ଇସ୍ରୋର ଅବଦାନ ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ଭାରତ ବର୍ତ୍ତମାନ ସମୟରେ ମହାକାଶ କ୍ଷେତ୍ରରେ ଆତ୍ମନିର୍ଭର ହେବା ସହ ନିଜସ୍ୱ ଉପଗ୍ରହ, ରକେଟ ଏବଂ ଅନ୍ତରୀକ୍ଷ ମିଶନ ମାଧ୍ୟମରେ ବିଶ୍ୱର ଅଗ୍ରଣୀ ମହାକାଶ ସଂସ୍ଥାଙ୍କ ମଧ୍ୟରେ ନିଜର ସ୍ଥାନ ସୁଦୃଢ କରିପାରିଛି । ଜାତୀୟ ମହାକାଶ ଦିବସ ପାଳନ ଅତୀତର ସଫଳତାକୁ ସ୍ମରଣ କରାଇବା ସହ ଦେଶର ଯୁବପିଢ଼ିଙ୍କ ମଧ୍ୟରେ ବିଜ୍ଞାନ, ଗବେଷଣା ଓ ନବସୃଜନ ପ୍ରତି ଆଗ୍ରହ ସୃଷ୍ଟି କରୁଛି । ଭୁବନେଶ୍ୱରସ୍ଥିତ ପଠାଣିସାମନ୍ତ ପ୍ଲାନେଟୋରିୟମ୍‌ର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର **ଶୁଭେନ୍ଦୁ ପଟ୍ଟନାୟକ** ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି.....

**- V/O –**

## ଓଡ଼ିଶା ପରବ

ଓଡ଼ିଶାର କଳା ପରମ୍ପରା ଓ ଐତିହ୍ୟକୁ ବାରଣାସୀଠାରେ ଓଡ଼ିଶା ପରବ ପ୍ରଦର୍ଶିତ କରୁଛି । ୩ ଦିନିଆ ଓଡ଼ିଶା ପରବର ଆଜି ହେଉଛି ଦ୍ୱିତୀୟ ଦିନ । ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଫିକିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଓ ପ୍ରଭାତୀ ପରିଡା ଗତକାଲି ଉଦ୍‌ଘାଟନ କରିଥିଲେ । ପ୍ରଦର୍ଶନୀରେ ୨୨ଟି ହସ୍ତଶିଳ୍ପ ଓ ୧୦ଟି ଓଡ଼ିଆ ଖାଦ୍ୟ ଷ୍ଟଲ୍ ସ୍ଥାନ ପାଇଛି । ପଟ୍ଟଚିତ୍ର, ତାଳପତ୍ର

ଖୋଦେଇ, ତାରକସୀ, ଡୋକ୍ରା ଶିଳ୍ପ, କୋଟପାଡ ବସ୍ତ୍ର ଏବଂ ସମ୍ବଲପୁରୀ ହସ୍ତତନ୍ତର ଜୀବନ୍ତ ପ୍ରଦର୍ଶନ ଦର୍ଶକଙ୍କୁ ଆକୃଷ୍ଟ କରୁଛି। ଓଡିଶୀ, ଗୋଟିପୁଅ ଓ ସମ୍ବଲପୁରୀ ନୃତ୍ୟ ସହ ବିଭିନ୍ନ ଲୋକନୃତ୍ୟ ଦେଖିବା ପାଇଁ ଦର୍ଶକଙ୍କ ଭିଡ ଜମୁଛି। ପୁରୀ, କୋଣାର୍କ, ରତ୍ନଗିରି, ଉଦୟଗିରି, ଲଳିତଗିରି ବୌଦ୍ଧସ୍ଥଳି ଏବଂ ଚିଲିକା, ଭିତରକନିକା ଓ ଶିମିଳିପାଳ ଭଳି ପ୍ରାକୃତିକ ପର୍ଯ୍ୟଟନସ୍ଥଳିର ପ୍ରଚାର ପ୍ରଦର୍ଶନୀରେ କରାଯାଉଛି। ଏହି କାର୍ଯ୍ୟକ୍ରମ ଆସନ୍ତାକାଲି ଉଦ୍‌ଯାପିତ ହେବ।

## ଆତ୍ମୋତ୍ସର୍ଗ ଦିବସ ସମାରୋହ

ରକ୍ତତୀର୍ଥ ପାପଡାହାଣ୍ଡିର ସହିଦଙ୍କ ସ୍ମୃତିରେ ଆସନ୍ତାକାଲି ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତି ଓ ଅନସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହିତ କୋରାପୁଟ ଜିଲ୍ଲାର ସାଂସଦ ଓ ବିଧାୟକ ଯୋଗଦେବାର କାର୍ଯ୍ୟସୂଚୀ ରହିଛି। ଦେଶର ସ୍ୱାଧୀନତା ପାଇଁ ଏହି ଅଂଚଳର ଅବଦାନ, ଆତ୍ମବଳିଦାନ ଓ ତ୍ୟାଗର ପରାକାଷ୍ଠାକୁ ସ୍ମରଣ କରିବା ପାଇଁ ଏହି ସମାରୋହ ପାଳନ କରାଯିବ।

## ପ୍ରଦର୍ଶନୀ

**ଗଞ୍ଜାମ** ଜିଲ୍ଲାର ଭାବିନିପୁରରେ ବର୍ତ୍ତମାନ ୪୦୬ ଜଣ ମହିଳା ଲକ୍ଷପତି ଦିଦି ହୋଇଥିବାବେଳେ ଏହି ସଂଖ୍ୟା ନିରନ୍ତର ବୃଦ୍ଧି ପାଉଛି। କେନ୍ଦ୍ରୀୟ ସଂଚାର ବ୍ୟୁରୋ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଭାବିନିପୁରରେ ଆୟୋଜିତ ୩ ଦିନିଆ ମଲ୍ଟିମିଡିଆ ପ୍ରଦର୍ଶନୀର ଉଦ୍‌ଯାପନୀ

ସମାରୋହରେ ମହିଳାଙ୍କ ଏହି ସଫଳତା ଓ ସ୍ଥାନୀୟ ବିକାଶ ଉପରେ ଆଲୋଚନା ହୋଇଥିଲା।